# Aid to Sudan, South Sudan, Djibouti and Eritrea

October 26, 2020

## ସୁଦାନ, ଦକ୍ଷିଣ ସୁଦାନ, ଜିବୁଟି ଏବଂ ଇରିଟ୍ରିଆକୁ ସହାୟତା

**ଅକ୍ଟୋବର 26, 2020**

ଆବଶ୍ୟକ ସମୟରେ ଆଫ୍ରିକାର ଲୋକଙ୍କ ନିକଟରେ ପହଞ୍ଚିବାର ଭାରତର ପରମ୍ପରାକୁ ଦୃଷ୍ଟିରେ ରଖି ପ୍ରାକୃତିକ ବିପର୍ଯ୍ୟୟ ଏବଂ କୋଭିଡ୍ ମହାମାରୀ ଦ୍ୱାରା ପ୍ରଭାବିତ ଲୋକଙ୍କ ଦୁଃଖ ଦୂର କରିବା ପାଇଁ ଭାରତ ସରକାର ସୁଦାନ, ଦକ୍ଷିଣ ସୁଦାନ, ଜିବୁଟି ଏବଂ ଇରିଟ୍ରିଆକୁ 270 ମେଟ୍ରିକ ଟନ୍ ଖାଦ୍ୟ ସାମଗ୍ରୀ ସହାୟତା ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। 155 ମେଟ୍ରିକ ଟନ୍ ଅଟା, 65 ମେଟ୍ରିକ ଟନ୍ ଚାଉଳ ଏବଂ 50 ମେଟ୍ରିକ ଟନ୍ ଚିନି ଭାରତୀୟ ନୌସେନାର ଜାହାଜ ଐରାବତରେ ପରିବହନ କରାଯାଉଛି, ଯାହା 24 ଅକ୍ଟୋବର 2020 ରେ ମୁମ୍ବାଇ ଛାଡି ସାରିଛି। ଏହି ଗସ୍ତ କାଳରେ ଐରାବତ ଜିବୁଟି, ମାସାୱା, ସୁଦାନ ବନ୍ଦର ଏବଂ ମୋମ୍ବାସା ଠାରେ ରହଣି କରିବ।

ଭାରତ ଓ ଆଫ୍ରିକାର ଦେଶମାନଙ୍କ ମଧ୍ୟରେ ବନ୍ଧୁତା ଏବଂ ଭାଇଚାରାର ଦୃଢ ବନ୍ଧନ ଅନେକ ଶତାବ୍ଦୀ ଧରି ଗଢି ଉଠିଛି। ଆଫ୍ରିକାର ଦେଶ ତଥା ଲୋକମାନଙ୍କ ସହ ଭାରତ ସର୍ବଦା ଏକ ହୋଇ ଠିଆ ହୋଇଛି ଏବଂ ବିକାଶ, କ୍ଷମତା ବିକାଶ ଏବଂ ମାନବିକ ସହାୟତା କାର୍ଯ୍ୟକ୍ରମରେ ସହଭାଗୀ ହୋଇଛି।

କୋଭିଡ-19 ମହାମାରୀ ଆରମ୍ଭ ହେବା ପରଠାରୁ ଭାରତ ସରକାର ଏହି ଦେଶଗୁଡିକର ସରକାରଙ୍କ ସହ ମିଳିମିଶି କାର୍ଯ୍ୟ କରି ପରସ୍ପରର ନାଗରିକଙ୍କୁ ସ୍ୱତନ୍ତ୍ର ବିମାନ ଯୋଗେ ପ୍ରତ୍ୟାବର୍ତ୍ତନ କରାଇଛନ୍ତି ତଥା ଚିକିତ୍ସା ସହାୟତା ଯୋଗାଇ ଦେଇଛନ୍ତି।

**ନୂଆଦିଲ୍ଲୀ**

**ଅକ୍ଟୋବର 26, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.